

ପାଠ-୪

# ଦଳ ଦଳ କରି ଗଣିବା



ଚେତନ୍ ଯାଦୁକରଙ୍କୁ କହିଲା - 'ମୋ ଟଙ୍କାଟି ୩ଟଙ୍କା କରିଦିଅ ମୁଁ ଚକୋଲେଟ୍ ଖାଇବି ।'

ଯାଦୁକର ଟଙ୍କାଟିକୁ ଖାଲି ଡବାରେ ପୁରାଇ ଚୁ ... ରୁ ... ରୁ... ର ଭୁଷ୍ ମନ୍ତ୍ର ପଢ଼ିଲା ।। ତା' କାନ ପାଖରେ ଡବା ହଲାଇ ହାତକୁ ଟଙ୍କା ଢାଳିଦେଲା । ଚେତନ୍ ଚଟ୍‌ପଟ୍ ଗଣି ୩ ଟଙ୍କା କହିଲା ।



ଯାଦୁକର ଚୁ ... ରୁ... ରୁ... ରୁ ଭୁଷ୍ କହି ନାକ ପାଖରୁ ଟଙ୍କା ବାହାର କଲେ । ଚେତନ୍ ତିନି ତିନି ଛଅ ଟଙ୍କା ଗଣିଲା ।

ଏମିତି ହାତରୁ, ଗୋଡ଼ରୁ, ଆଣ୍ଠୁରୁ, ମୁଣ୍ଡରୁ ଟଙ୍କା ବାହାରିଲା ।

*ଚେତନ୍ ଗଣିଲା ୩, ୬, ୯, ୧୨, ୧୫ ଟଙ୍କା ।*




ଏବେ ଥରକେ ୫ଟଙ୍କା ବାହାର କରିବାକୁ ରୀନା କହିଲା ।

ଯାଦୁକର ଆଗଭଳି ଡବାରୁ ୫ଟଙ୍କା ଲେଖାଏଁ ପ୍ରତି ଥର ବାହାର କଲେ ।

ରୀନା ଗଣିଲା - ୫, ୧୦, ୧୫, ୨୦.... ଟଙ୍କା ।

ଏବେ କହ–

- ଚେତନ୍ ପାଇଥିବା ଟଙ୍କାକୁ କିପରି ଗଣିଲା ?
- ଚେତନ୍ ମଝିରେ କେତୋଟି ଲେଖାଏଁ ସଂଖ୍ୟା ଡେଇଁ ଗଣୁଥିଲା ?
- ପ୍ରଥମେ ସେ କେଉଁଠାରୁ ସଂଖ୍ୟା ଗଣନ ଆରମ୍ଭ କଲା ?
- ରୀନା କେଉଁଠାରୁ ସଂଖ୍ୟା ଗଣିବା ଆରମ୍ଭ କଲା ?
- ରୀନା ମଝିରେ କେତୋଟି ସଂଖ୍ୟା ଡେଇଁ ଗଣୁଥିଲା ?

ଏମାନଙ୍କୁ ଡେଇଁ ଡେଇଁ ଆଗକୁ ନିଅ ।




ଗଣିବା କେମିତି ? ୨, ୪, ୬, ୮, ୧୦ .......



ଗଣିବା କିପରି ? ୫, ୧୦, ୧୫,..........



ଠେକୁଆ ଥରକେ ୪ଟି ଘର ଡେଇଁବ । ୩୬ରେ ପହଞ୍ଚିବା ପାଇଁ ଠେକୁଆ କେତେ ଡିଆଁ ମାରିବ ?



ବେଙ୍ଗ ଡେଇଁବା ସଂଖ୍ୟାରୁ ପହଞ୍ଚିବା ସଂଖ୍ୟା ମଝିରେ କେତୋଟି ସଂଖ୍ୟା ପାର ହେଉଛି ?

ଠେକୁଆ ପ୍ରତି ଡିଆଁରେ ୧୦ଟି ପଥର ପାର ହୁଏ । ଠେକୁଆ ଡେଇଁବା ପଥର ଉପରେ ଠିକ୍ ନମ୍ବର ଲେଖ ।




**ଶିକ୍ଷକଙ୍କପାଇଁ ସୂଚନା :-** ଯେକୌଣସି ସଂଖ୍ୟାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଗଣିବା ପାଇଁ ସୁଯୋଗ ସୃଷ୍ଟି କରାଯିବ । ଯେପରି ପିଲାମାନେ ୨-୨ କରି, ୩-୩ କରି, ୪-୪କରି, ୫-୫କରି ଓ ୧୦-୧୦ କରି ଗଣିବେ । ବସ୍ତୁ ବ୍ୟବହାର କରି ଏପରି ଗଣିବା କାମ କରାଯିବ ।

## ଗାଁ ହାଟ



ପିଲାମାନେ ବଣଭୋଜି ପାଇଁ ଶିକ୍ଷକଙ୍କ ସହିତ ଜିନିଷ କିଣୁଥା'ନ୍ତି ।

ଶିକ୍ଷକ ଚିଠା ଦେଖି କହିଲେ- 'ଲେମ୍ବୁ ୧୨ଟା,
ନଡ଼ିଆ ୮ଟା ଓ
କଦଳୀ ୨୪ଟା କିଣା ହେବ ।'

କଳିକା, କେଦାର ଓ କୁସୁମ୍ କିପରି ଲେମ୍ବୁ, ନଡ଼ିଆ, କଦଳୀ କିଣିଲେ ଦେଖ ।



କଳିକା - ମୋତେ ଲେମ୍ବୁ ୧୨ଟି ଦିଅ ।

ଲେମ୍ବୁବାଲା ଚାରି ଚାରିଟି କରି ଲେମ୍ବୁ ଗଣିଲା ।



୧ ପୁଞ୍ଜା | ୧ ପୁଞ୍ଜା | ୧ ପୁଞ୍ଜା

**ମୋଟ ୧୨ ଟା ଲେମ୍ବୁ = ୩ ପୁଞ୍ଜା**



କେଦାର - ମୋତେ ନଡ଼ିଆ ୮ଟି ଦିଅ ।

ନଡ଼ିଆବାଲା - ଦୁଇ ଦୁଇଟା କରି ଗଣି ନଡ଼ିଆ ଦେଲା ।



୧ ଯୋଡ଼ା | ୧ ଯୋଡ଼ା | ୧ ଯୋଡ଼ା | ୧ ଯୋଡ଼ା

**ମୋଟ ୪ ଯୋଡ଼ା ନଡ଼ିଆ = ୮ଟି ନଡ଼ିଆ**



କୁସୁମ୍ - ମୋତେ କଦଳୀ ୨୪ଟି ଦିଅ।

କଦଳୀବାଲା ବାର ବାରଟି କରି ଗଣି କଦଳୀ ଦେଲା ।



୧ ଡଜନ



୧ ଡଜନ

**ମୋଟ ୨ଡଜନ କଦଳୀ = ୨୪ ଟି କଦଳୀ**

**ଏବେ କହ**

- ଥରକେ ୨ଟି ଲେଖାଏଁ ନଡ଼ିଆ ନେଇ ୮ଟି ନଡ଼ିଆକୁ କେତେ ଥରରେ ଗଣିଲା ?
- କେତେ ଥର ଗଣିବାରୁ ୧୨ଟି ଲେମ୍ବୁ ହେଲା ?
- ୨୪ଟି କଦଳୀକୁ କେତେ ଥରରେ ଗଣାଗଲା ?
- କିଏ ବେଶୀ ଥର ଗଣିଲା ?
- ଥରକେ ୪ଟି ଲେଖାଏଁ ଗଣିଥିଲେ ୮ଟି ନଡ଼ିଆକୁ କେତେ ଥର ହୋଇଥା'ନ୍ତା ?
- ଥରକେ ଅଧିକ ଜିନିଷ ନେଇ ଗଣିଲେ କ'ଣ ସୁବିଧା ହୁଏ ?

**ଥରକେ ବେଶୀ ସଂଖ୍ୟକ ଜିନିଷ ନେଇ ଗଣିଲେ ଅଳ୍ପ ଥର ଗଣିବାକୁ ହୋଇଥାଏ ।**

- ଠେକୁଆ ଓ ମାଙ୍କଡ଼ ଉଭୟଙ୍କ ପାଖରେ ୨୦ଟି ଲେଖାଏଁ କୋଳି ଅଛି । ୨୦ଟି କୋଳିକୁ କିଏ କେତେଥର ଗଣିବ ?



☐ ଥର ☐ ଥର



- ୩୦ଟି ଦୀପକୁ କିପରି ଗଣିଲେ ଦେଖ -




**ଏବେ କହ-**

- କିଏ ଥରକେ କେତୋଟି ଲେଖାଏଁ ଦୀପ ଗଣିଲେ ?
- ନିହାରିକା କେତେ ଥର ଗଣିଲା ?
- ଏମାନଙ୍କ ମଧ୍ୟରୁ ୩୦ଟି ଗଣିବାକୁ କିଏ କମ୍ ଥର ଗଣିଲା ?
- ସେମାନଙ୍କ ଗଣନା ମଧ୍ୟରୁ କାହାର ଗଣନା ଅଧିକ ସୁବିଧାଜନକ ? କାହିଁକି ?

**ଶିକ୍ଷକଙ୍କ ପାଇଁ ସୂଚନା -** ଯୋଡ଼ା, ପୁଞ୍ଜା, ଡଜନ ଇତ୍ୟାଦି ଅନେକ ପ୍ରକାରରେ ଗଣାଯାଇଥାଏ । କିନ୍ତୁ ୧୦, ୧୦ ନେଇ ଗଣିବା ସହଜ ଓ ସୁବିଧା ଜନକ ବୋଲି ପିଲା ଅନୁଭବ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଦରକାର। ପିଲାମାନଙ୍କୁ ଯୋଡ଼ା, ପୁଞ୍ଜା, ଗଣ୍ଡା, ଡଜନ ଭଳି ଶବ୍ଦ ସହ ପରିଚିତ କରାଇବେ ।

## ଦଶ ଦଶ କରି ଗଣିବା–

୧୦ଟି ମହମବତୀରେ ଗୋଟିଏ ବିଡ଼ା, କେତେ ବିଡ଼ା ହେଲା ଓ କେତେ ବଳିଲା ?




୨୩ = ୨ ଦଶ ୩ ଏକ

- ୧୦ଟି ଫୁଲରେ ଗୋଟିଏ ତୋଡ଼ା, କେତୋଟି ଫୁଲ ତୋଡ଼ା ହେଲା ଦେଖ ।



ମୋଟ ୪୬ଟି ଫୁଲ ଥିଲା । ୪ ଟି ଫୁଲ ତୋଡ଼ା ହୋଇ ୬ଟି ବଳିଲା ।

୪୬ = ୪ ଦଶ ୬ ଏକ



ପତର ତଳେ ଯାହା ଅଛି, ପତର ଉପରେ ତାହା ଲେଖ -

| | | | | |
|---|---|---|---|---|
| ୨ | ୧ | = | ୨ ଦଶ | ୧ ଏକ |
| ୫ | ୦ | = | | ୦ ଏକ |
| ୬ | ୮ | = | | ୮ ଏକ |
| ୧ | | = | ୧ ଦଶ | ୯ ଏକ |
| | ୫ | = | ୪ ଦଶ | ୫ ଏକ |
| | | = | ୭ ଦଶ | ୧ ଏକ |
| ୩ | ୫ | = | | |
| ୨ | | = | ୨ ଦଶ | ୭ ଏକ |
| ୫ | ୩ | = | | ୩ ଏକ |

● ବିଦ୍ୟାଳୟ ସଫା କରିବାକୁ ୧୦ ଜଣ ଲେଖାଏଁ ପିଲା ନେଇ ଗୋଟିଏ ଦଳ କରାଗଲା । ପ୍ରତି ଶ୍ରେଣୀରେ କେତୋଟି ଦଳ ହେବ ଓ କେତେ ପିଲା ବଳିବେ ଲେଖ ।

| ଶ୍ରେଣୀ | ପିଲାସଂଖ୍ୟା | ଦଳସଂଖ୍ୟା | ବଳକା ପିଲା |
|---|---|---|---|
| ୧ମ | ୪୩ | ୪ | .......... |
| ୨ୟ | ୩୭ | ୩ | .......... |
| ୩ୟ | ୩୧ | .......... | .......... |
| ୪ର୍ଥ | ୨୬ | .......... | .......... |
| ୫ମ | ୩୦ | .......... | .......... |
| ୬ଷ୍ଠ | ୨୯ | .......... | .......... |
| ୭ମ | ୨୪ | .......... | .......... |



ଗଛ ମୂଳ ଖୋଲରେ ବିଲୁଆ, ଗଛ ଉପରେ ଗୋଟିଏ କାଉ ଓ ଅନେକଗୁଡ଼ିଏ ଶୁଆ ସାଥୀ ହୋଇ ରହୁଥିଲେ । ଦିନେ ଶୁଆମାନେ ଗଛକୁ ଫେରିଲେ ନାହିଁ ।

କାଉ, ବିଲୁଆ ଦୁହେଁ ଖୋଜି ବାହାରିଲେ ।
ଶୁଆମାନଙ୍କୁ ଜାଲରେ ପଡ଼ିଥିବାର ଦେଖିଲେ ।
ବିଲୁଆ ଶୁଆମାନଙ୍କୁ କହିଲା, 'ଡରିଲେ ମରିବ ।
ମୁଁ ଯାହା କହୁଛି କର ।
ତୁମ୍ଭେମାନେ ମଲା ଭଳି ପଡ଼ି ରୁହ,
ମୁଁ ବୁଦାମୂଳେ ଲୁଚୁଛି - ଆଗ ଗୋଡ଼
ଦୁଇଟି ଟେକିଲେ, କାଉ କା- କା -କରିବ,
ତୁମେମାନେ ଉଡ଼ିଯିବ ।'



ଶିକାରୀ ଆସିଲା ।



ଶିକାରୀ ମଲା ଶୁଆଭାବି, ଜାଲରୁ ଗୋଟିଏ ଗୋଟିଏ ଶୁଆ ବାହାରେ ରଖିଲା ! ବିଲୁଆ ଗଣି ଚାଲିଲା । ଯେତେବେଳେ ୬୩ଟି ଶୁଆ ହେଲା, ବିଲୁଆ ଆଗ ଗୋଡ଼ ଦୁଇଟି ଟେକି ଦେଲା । କାଉ କା - କା କଲା, ଶୁଆମାନେ ଏକାବେଳେ ଉଡ଼ିଗଲେ ଗଛ ଉପରକୁ ।

ବିଲୁଆକୁ ପଚାରିଲା କାଉ– "ଏତେ ଶୁଆକୁ କିପରି ଗଣିଲ ?" ।
ବିଲୁଆ କହିଲା - "ଦେଖ, ମୁଁ କିପରି ସହଜରେ ଗଣିଲି ।"





| | | |
|---|---|---|
| ଗୋଟିଏ ଶୁଆ | - | △୧ |
| ୪ଟି ଶୁଆ | - | △୧ △୧ △୧ △୧ |
| ୯ଟି ଶୁଆ | - | △୧ △୧ △୧ △୧ △୧ △୧ △୧ △୧ △୧ |
| ୧୦ଟି ଶୁଆ | - | □୧୦ |
| ୨୦ଟି ଶୁଆ | - | □୧୦ □୧୦ |
| ୨୧ଟି ଶୁଆ | - | □୧୦ □୧୦ △୧ |
| ୪୫ଟି ଶୁଆ | - | □୧୦ □୧୦ □୧୦ □୧୦ △୧ △୧ △୧ △୧ △୧ |
| ୬୩ଟି ଶୁଆ | - | □୧୦ □୧୦ □୧୦ □୧୦ □୧୦ □୧୦ △୧ △୧ △୧ |

ବିଲୁଆ କହିଲା- ମୁଁ କିପରି ଗଣିଲି ଦେଖିଲ । ଏବେ ତୁମେ ସେହିଭଳି ସଂଖ୍ୟା କାର୍ଡ଼ ତିଆରି କର ।

୩୦ଟି ଶୁଆ =

୪୭ଟି ଶୁଆ =

୫୭ଟି ଶୁଆ =

## ଅଭ୍ୟାସ କାର୍ଯ୍ୟ

୧. ନେଉଳ ଥରକେ ୩ଟି ଲେଖାଏଁ ଗଣିଲା । ବିଲେଇ ଥରକେ ୫ଟି ଲେଖାଏଁ ଗଣିଲା ।



କିଏ ଅଧିକା ଥରରେ ସବୁ ମାଛକୁ ଗଣିଲା ? ..............................

୨. ଖାଲି ଘର ପୂରଣ କର -

| ସଂଖ୍ୟା | ଦଶ | ଏକ |
|---|---|---|
| ୩୭ | ୩ | ..... |
| ୮୧ | ..... | ୧ |
| ୪୮ | ..... | ..... |
| ୯୭ | ..... | ..... |
| ..... | ୫ | ୫ |
| ..... | ୭ | ୯ |

୩.



ସବୁଜ ଟିକିଲିର ମୂଲ୍ୟ ୧୦ ଏବଂ ହଳଦିଆ ଟିକିଲିର ମୂଲ୍ୟ ୧

ଚଇନ ଓ କମଳା କେଉଁ କେଉଁ ସଂଖ୍ୟା ପାଇଲେ ଲେଖ ।

କମଳା ପାଇଥିବା ସଂଖ୍ୟା = ....................................

ଚଇନ ପାଇଥିବା ସଂଖ୍ୟା = ....................................

୪. ତୁମ ମନରୁ ଛଅଟି ଦୁଇ ଅଙ୍କବିଶିଷ୍ଟ ସଂଖ୍ୟା ଲେଖ । ସେଗୁଡ଼ିକୁ ଦଶ ଓ ଏକରେ ବିସ୍ତାରିତ କରି ଲେଖ ।



P P-18